## ୨ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲା ତାଳଚେର ବ୍ଲକରୁ ଶନିବାର ୨ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାର ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୪୬୬ରେ ପହଞ୍ଚିଛି। ସେହିପରି କୋଭିଡ୍ ସଂକ୍ରମଣରେ ୩୧୮ ଜଣଙ୍କ ମୃତ୍ୟୁ ଘଟିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



# ଗଞ୍ଜେଇ ଚାଲାଣ କରି କୋଟିପତି

**ଛେଣ୍ଡିପଦା, ୨୭।୧୧(ସ୍ୱ.ପ୍ର.)**

ଗଞ୍ଜେଇ ବ୍ୟବସାୟ କରି ଛିଡ଼ା କରିଥିଲେ ବିଶାଳ ସାମ୍ରାଜ୍ୟ। ରାଜ୍ୟ ବାହାର ବ୍ୟବସାୟୀଙ୍କ ସହ ସମ୍ପର୍କ ବଢ଼ାଇ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଚାଲିଥିଲା କୋଟି କୋଟି ଟଙ୍କାର କାରବାର। ଏଭଳି ଏକାଧିକ ଅଭିଯୋଗ ଆସିବା ପରେ ପୋଲିସ ସ୍କାନରରେ ଥିବା ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଶିମିଳିପାଳ ପଞ୍ଚାୟତ ସାପୋଇନାଳି ଗ୍ରାମର ଚିତ୍ତରଞ୍ଜନ ସାହୁ ଓରଫ୍ ପିଣ୍ଟୁ (୪୧)ଙ୍କ ଘରେ ଶନିବାର ଭୋର୍ ୩ଟାରେ ଅତର୍କିତ ଚଢ଼ାଉ କରାଯାଇଛି। ଘଟଣାସ୍ଥଳରୁ ନଗଦ ୨୦ଲକ୍ଷ ୫୦ହଜାର ଟଙ୍କା ସମେତ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜବତ ହୋଇଛି। ତେବେ ଅଭିଯୁକ୍ତଙ୍କୁ ପୋଲିସ ଧରିପାରିନାହିଁ।

ଏସ୍‌ପି ଜଗମୋହନ ମୀନାଙ୍କ ନିର୍ଦ୍ଦେଶରେ ମାଜିଷ୍ଟ୍ରେଟ୍ ଭାବେ ତହସିଲଦାର ଡାନିଏଲ୍ ଏକ୍କାଙ୍କ ଉପସ୍ଥିତିରେ ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା, ଆଇଆଇସି ଧୀରେନ୍ଦ୍ର ବେହେରା ସଦଳବଳ ଚଢ଼ାଉ କରିଥିଲେ। ତାଙ୍କ ଘରୁ ନଗଦ ୨୦ ଲକ୍ଷ ୫୦ ହଜାର ଟଙ୍କା, ପରିବାର ସଦସ୍ୟଙ୍କ ନାମରେ ବିଭିନ୍ନ ବ୍ୟାଙ୍କରେ ଥିବା ୬ ପାସ୍‌ବୁକ୍, ୧୫ରୁ ଊର୍ଦ୍ଧ୍ୱ ଜମିପଟ୍ଟା, ଦାମୀ କାର, ମିନି ଟ୍ରକ୍, ଟ୍ରାକ୍ଟର, ଧାନ ଅମଳ ଯନ୍ତ୍ର, ଲଙ୍ଗଳ,



ଅଭିଯୁକ୍ତଙ୍କ ଘରେ ପୋଲିସ ଚଢ଼ାଉ କରୁଛି।

ପେପର ପ୍ଲେଟ ମେଶିନ, ଡିଜେ ସାଉଣ୍ଡ୍ ସିଷ୍ଟମ, ଜେନେରେଟର, ଟେଣ୍ଟ ହାଉସ୍ ସାମଗ୍ରୀ, ବିପୁଳ ପରିମାଣର ଶାଳ ଓ ଶାଗୁଆନ କାଠ ଜବତ ହୋଇଛି। ଟେଣ୍ଟ ହାଉସ୍ ସାମଗ୍ରୀର ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।

ପିଣ୍ଟୁଙ୍କ ବେଆଇନ ଗଞ୍ଜେଇ କାରବାର ଚେର ରାଜ୍ୟ ସୀମା ଡେଇଁ ରାଜସ୍ଥାନ, ହରିୟାଣା, ଉତ୍ତରପ୍ରଦେଶକୁ ଲମ୍ବିଛି। ରାଜ୍ୟ ବାହାର ବ୍ୟବସାୟୀଙ୍କ ସହ ସମ୍ପର୍କ ବଢ଼ାଇ ସେ ସ୍ଥାନୀୟ ଅଞ୍ଚଳରୁ କୋଟି କୋଟି ଟଙ୍କାର ଗଞ୍ଜେଇ ଚାଲାଣ କରୁଥିଲେ। ବିଭିନ୍ନ ଆକାଉଣ୍ଟକୁ ବିପୁଳ ପରିମାଣର ଟଙ୍କା ନେଣଦେଣ କରାଯାଉଥିବା ଜଣାପଡ଼ିବା ପରେ ସେ ପୋଲିସ ସ୍କାନରକୁ ଆସିଥିଲେ।

- ଚିତ୍ତରଞ୍ଜନଙ୍କୁ ଧରିପାରୁନି ପୋଲିସ
- ଘରୁ ମିଳିଲା ନଗଦ ୨୦ଲକ୍ଷ ୫୦ହଜାର
- ମୋଟ ଦେଢ଼ କୋଟି ଟଙ୍କାର ସମ୍ପତ୍ତି ଠାବ
- ରାଜସ୍ଥାନ, ଉତ୍ତରପ୍ରଦେଶ ହରିୟାଣା ଲିଙ୍କ୍

ଗତ ଜୁଲାଇରେ ଏକ ସାଇବର କ୍ରାଇମ୍ ମାମଲାରେ ରାଜସ୍ଥାନ ପୋଲିସ ଅନୁଗୋଳରେ ପହଞ୍ଚି ପିଣ୍ଟୁଙ୍କୁ ଖୋଜିଥିଲା। ହେଲେ ଅଭିଯୁକ୍ତ ଚକ୍‌ମା ଦେଇ ଫେରାର ହୋଇଯାଇଥିଲେ।


ଜବତ ହୋଇଥିବା ଟଙ୍କା।

ଅନୁରୂପ ଭାବେ ଗତ ଅଗଷ୍ଟ ୨୩ରେ ଏକ କାର୍‌ରେ ୭୦ କେ.ଜି. ୩୦୦ ଗ୍ରାମ ଗଞ୍ଜେଇ ଚାଲାଣ କରାଯାଇଥିବାବେଳେ ପୋଲିସ ଗୋବିନ୍ଦ ନାଏକ ନାମକ ଜଣେ ବ୍ୟକ୍ତିକୁ ଗିରଫ କରିଥିଲା। ହେଲେ ପିଣ୍ଟୁ ପୁନର୍ବାର ଫେରାର ହେବାରେ ସକ୍ଷମ ହୋଇଥିଲେ। ଶନିବାର ପୋଲିସ ଯୋଜନାବଦ୍ଧ ଭାବେ ତାଙ୍କ ଘରେ ଚଢ଼ାଉ କରି ବିପୁଳ ପରିମାଣର ସମ୍ପତ୍ତି ଜବତ କରିଛି।

ଏ ସଂକ୍ରାନ୍ତରେ ଏସ୍‌ଡିପିଓ କହିଛନ୍ତି, ଦିନକରେ ଏହି ମାମଲାର ତଦନ୍ତ ସରିବ ନାହିଁ। ଜବତ ପାସ୍‌ବୁକ୍‌ଗୁଡ଼ିକୁ ଯାଞ୍ଚ କରାଯିବା ପରେ ପ୍ରକୃତ ସମ୍ପତ୍ତିର ମୂଲ୍ୟ ଜଣାପଡ଼ିବ। ଅଭିଯୁକ୍ତଙ୍କୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

### କାର୍ ଚାଳକରୁ ନିଶା ସାମ୍ରାଜ୍ୟ

ଅନୁଗୋଳରେ ରହି ଆନ୍ତଃରାଜ୍ୟ ଗଞ୍ଜେଇ ର୍ୟାକେଟ୍ ଚଳାଇଥିବା କୁଖ୍ୟାତ ଚିତ୍ତରଞ୍ଜନ ସାହୁ ଓରଫ୍ ପିଣ୍ଟୁ ଥିଲେ ଜଣେ ସାଧାରଣ କାର୍ ଚାଳକ। ତେବେ ଦୀର୍ଘ ୧୦ବର୍ଷ ମଧ୍ୟରେ ସେ ଏଭଳି ବେଆଇନ ନିଶା କାରବାର କରି ଅମାପ ସମ୍ପତ୍ତିର ଅଧିକାରୀ ହୋଇଥିଲେ। ତାଙ୍କୁ ଧରିବାକୁ ବିଭିନ୍ନ ସମୟରେ ପୋଲିସ ଉଦ୍ୟମ କରିଥିଲେ ମଧ୍ୟ ସେ କୌଶଳକ୍ରମେ ଫେରାର ହୋଇଯାଉଥିଲେ।

### ପୋଲିସ ହାତରେ ସିସିଟିଭି ହାର୍ଡଡିସ୍କ

ବେଆଇନ ଗଞ୍ଜେଇ ବେପାର କରି ଜିଉଥିଲେ ରାଜକୀୟ ଜୀବନ। ଭବ୍ୟ କୋଠା, ଆଖି ଖୋସିହୋଇଗଲା ଭଳି ପରିବେଶରେ ବଞ୍ଚୁଥିଲେ ପିଣ୍ଟୁ। ଶନିବାର ଚଢ଼ାଉ ବେଳେ ତାଙ୍କ ଘରେ ଲାଗିଥିବା ସିସିଟିଭି କ୍ୟାମେରା ହାର୍ଡଡିସ୍କକୁ ପୋଲିସ ଜବତ କରିଛି। ଏଥିରୁ ଅନେକ ତଥ୍ୟ ମିଳିବ ବୋଲି ପୋଲିସ ଆଶା ବାନ୍ଧିଛି। ତାଙ୍କ ଘରକୁ କିଏ କିଏ ଆସୁଥିଲେ। ସେମାନଙ୍କ ସହିତ ପିଣ୍ଟୁଙ୍କ ବ୍ୟବସାୟିକ ସମ୍ପର୍କ ରହିଛି କି ନାହିଁ, ଏ ସବୁ ବିଷୟରେ ହାର୍ଡଡିସ୍କରୁ ଅନେକ ତଥ୍ୟ ମିଳିପାରିବ ବୋଲି ପୋଲିସ କହିଛି।

## ସଂକ୍ଷେପରେ

### 'ରାଜ୍ୟ ସରକାର ତାଳଚେରକୁ ଅଣଦେଖା କରୁଛନ୍ତି'

**ଅନୁଗୋଳ ଅଫିସ, ୨୭।୧୧**

କଳାହୀରାର ସହର ତାଳଚେରରେ ୨ଦିନ ହେଲା କୋଇଲା ଖଣି ବନ୍ଦ ପଡ଼ିଛି। ଏହାର ପ୍ରଭାବ ଲୋକଙ୍କ ରୋଜଗାର ଏବଂ ଅର୍ଥନୀତି ଉପରେ ପଡ଼ିଛି। ଜିଲା ପ୍ରଶାସନ, ଏମ୍‌ସିଏଲ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ଜନପ୍ରତିନିଧିଙ୍କ ଅପାରଗତାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ କରିଛନ୍ତି ଭାଜପା ରାଜ୍ୟ ସମ୍ପାଦକ କାଳିନ୍ଦୀ ସାମଲ। ତାଳଚେରରୁ ବିପୁଳ ରାଜସ୍ୱ ଆଦାୟ ହେଉଛି। ଏହାସତ୍ତ୍ୱେ ରାଜ୍ୟ ସରକାର ଏହାକୁ ଅଣଦେଖା କରି ଚାଲିଛନ୍ତି। ଅଞ୍ଚଳରେ ବିସ୍ଥାପନ ସମସ୍ୟା ବଢ଼ି ଚାଲିଥିବାବେଳେ ସମାଧାନର ବାଟ ବାହାରୁନାହିଁ। ଜମିହରାଙ୍କୁ କ୍ଷତିପୂରଣ ମିଳୁନାହିଁ। ସମାଧାନ ଦିଗରେ ରାଜ୍ୟ ସରକାର ଚିନ୍ତା କରୁନାହାନ୍ତି। ପ୍ରତିବାଦରେ ଜନଆନ୍ଦୋଳନ ହେବ ବୋଲି କାଳିନ୍ଦୀ ଚେତାବନୀ ଦେଇଛନ୍ତି।

### ଚୋରା କୋଇଲା ଜବତ, ୨ ଗିରଫ

**ବଇଣ୍ଡା, ୨୭।୧୧(ଡି.ଏନ.ଏ.):** କିଶୋରନଗର ଥାନା ପୋଲିସ ଶୁକ୍ରବାର କୁଟାସିଙ୍ଗା ଗ୍ରାମରେ ଚଢ଼ାଉ କରି ଏକ ଅସ୍ଥାୟୀ ଗୃହରୁ ୩ ଟନ୍ ଚୋରା କୋଇଲା ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ରେଢ଼ାଖୋଲ ଥାନା ସାଧୁମୁଣ୍ଡା ଗ୍ରାମର ବିଷ୍ଣୁ ଷଣ୍ଢ, ବିଳାସପୁର ଅଞ୍ଚଳର ଅରବିନ୍ଦ କୁମାର ଜଗତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନାମରେ ନଂ.୧୯୫/୨୧ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଆଠମଲ୍ଲିକ କୋର୍ଟଚାଲାଣ କରାଯାଇଛି।

### ଅଧିକ କୁଶଳୀ, ସ୍ୱାବଲମ୍ବୀ ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ, ୨୭।୧୧:** ଅନୁଗୋଳ ଜିଲାର ବେକାର ଯୁବତୀ ଓ ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା ଅନ୍ତର୍ଗତ ଏକ ଦିନିକିଆ ମଲ୍ଟିଷ୍ଟେକ୍ ହୋଲଡର କର୍ମଶାଳା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ ଅଧ୍ୟକ୍ଷତା କରି ଏହି ଯୋଜନା ମାଧ୍ୟମରେ ଜିଲାର ଯୁବତୀ ଓ ଯୁବକମାନେ କିପରି ଅଧିକ କୁଶଳୀ ଓ ସ୍ୱାବଲମ୍ବୀ ହୋଇପାରିବେ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଓରମାସ ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭମୟ ଦାସ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏଥିରେ ଜିଲାରୁ ନିଯୁକ୍ତି ପାଇଥିବା ୮୪ ଜଣଙ୍କ ସଫଳ କାହାଣୀକୁ ନେଇ ପ୍ରସ୍ତୁତ ପୁସ୍ତକକୁ ପ୍ରକଳ୍ପ ନିର୍ଦ୍ଦେଶକ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ପତି, ପ୍ରକଳ୍ପ ସଂଯୋଜକ ଚନ୍ଦନ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ସମ୍ବିଧାନ ମୂଲ୍ୟବୋଧ ଉପରେ ଆଲୋଚନା

**ଅନୁଗୋଳ ଅଫିସ, ୨୭।୧୧:** ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡ. ଗଙ୍ଗାଧର କରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଭାରତ ସମ୍ବିଧାନର ମୂଲ୍ୟବୋଧ ଓ ଏହାର ପ୍ରୟୋଗାତ୍ମକ ଦିଗ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଡ. ଚିତ୍ତରଞ୍ଜନ ସାହୁ ସମ୍ବିଧାନ ଅଧ୍ୟୟନର ଆବଶ୍ୟକତା ସମ୍ପର୍କରେ ଛାତ୍ରାଛାତ୍ରୀଙ୍କୁ ଅବଗତ କରିଥିଲେ। ଅଧ୍ୟାପକ କିଶାନ ଦିଗଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜାତୀୟ ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରାଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେହିପରି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦୁଃଖବନ୍ଧୁ ମାଝି ସମ୍ବିଧାନର ଜନକ ଡ. ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ପାଳନ ଅବସରରେ ହିଂସା ତ୍ୟାଗ କରି ସାର୍ବଜନୀନ ସମ୍ପତ୍ତିର ସୁରକ୍ଷା ସହ ବ୍ୟକ୍ତିଗତ ଓ ସାମୂହିକ କାର୍ଯ୍ୟକଳାପର ସମସ୍ତ କ୍ଷେତ୍ରରେ ଉତ୍କର୍ଷ ସାଧନ ପାଇଁ ପ୍ରସ୍ତାବ ପାଠ କରାଇଥିଲେ।

## କୃଷକ ଆନ୍ଦୋଳନର ବର୍ଷ ପୂର୍ତ୍ତି ଶୋଭାଯାତ୍ରା

**ଅନୁଗୋଳ ଅଫିସ, ୨୭।୧୧**

ସଂଯୁକ୍ତ କିଷାନ ମୋର୍ଚ୍ଚା ଡାକରାରେ ଦିଲ୍ଲୀରେ ଚାଲିଥିବା କୃଷକ ଆନ୍ଦୋଳନକୁ ବର୍ଷେ ପୂରଣ ହୋଇଛି। ଏହି ଅବସରରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏଆଇୟୁଟିୟୁସି ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଆଇଏନ୍‌ଟିୟୁସି ଜିଲା ସଭାପତି ଦିଗାମ୍ବର ଗଡନାୟକ, ଏଆଇକେକେଏମ୍ ଜିଲା ସମ୍ପାଦକ ସୁବାସ ପ୍ରଧାନ, ନବକିଶୋର ପ୍ରଧାନ, ଏଆଇଏମ୍‌ଏସ୍‌ଏସ୍ ଜିଲା ସଭାନେତ୍ରୀ ମନ୍ଦୋଦରୀ ରାଉଳ, ଏଆଇଡିୱାଇଓ ରାଜ୍ୟ ସଭାପତି ମାନସ ପାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

## ସମ୍ବିଧାନ ଦିବସ ପାଳିତ

**ଛେଣ୍ଡିପଦା, ୨୭।୧୧(ସ୍ୱ.ପ୍ର)**

ଛେଣ୍ଡିପଦା ଆମ୍ବେଦକର ଛକଠାରେ ଶୁକ୍ରବାର ଆମ୍ବେଦକର ଫାଉଣ୍ଡେସନ ଛେଣ୍ଡିପଦା ଶାଖା ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଛି। ଆୟୋଜିତ ସଭାରେ ଫାଉଣ୍ଡେସନର କାର୍ଯ୍ୟକାରୀ ସଭାପତି ରାହାସ ବିହାରୀ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଡାକ୍ତର ବିପିନ ବିହାରୀ ବେହେରା ଯୋଗଦେଇ ସମ୍ବିଧାନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଗୋବର୍ଦ୍ଧନ ନାଏକ, ସମ୍ମାନିତ ଅତିଥି ଭାବେ ସମାଜିକ କର୍ମୀ ଗୋବିନ୍ଦ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଅନୁଗୋଳ ସରକାରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଉଦୟନାଥ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ବଟକୃଷ୍ଣ ବେହେରା, ସନ୍ଥ ନାଏକ, ପ୍ରଫୁଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସଂଘର ଉପସଭାପତି କୁମୁଦଚନ୍ଦ୍ର ନାଏକ ଧନ୍ୟବାଦ ଦେଇଥିଲେ।

## ଶୌଚାଳୟ ବ୍ୟବହାର ସଚେତନତା

**ବଣ୍ଡଁରପାଳ, ୨୭।୧୧(ଡି.ଏନ୍.ଏ.)**

ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ରାଷ୍ଟ୍ରାୟତ୍ତ କମ୍ପାନୀ ନାଲ୍‌କୋ ପକ୍ଷରୁ ଶୁକ୍ରବାର ବଳରାମପ୍ରସାଦ ଗ୍ରାମର ୧୦ ହିତାଧିକାରୀଙ୍କୁ ଶୌଚାଳୟ ପ୍ରଦାନ କରାଯାଇଛି। ବାହ୍ୟ ମଳମୁକ୍ତ ପରିବେଶ ସୃଷ୍ଟି ଉଦ୍ଦେଶ୍ୟରେ ଉକ୍ତ ସ୍ୱତନ୍ତ୍ର ପାଇଖାନାଗୁଡ଼ିକ ନାଲ୍‌କୋ ଏବଂ ଫାଉଣ୍ଡେଶନର ମିଳିତ ସହଯୋଗରେ ନିର୍ମାଣ କରାଯାଇଛି। ମୁଖ୍ୟଅତିଥି ଭାବେ ଇଡି ଅମ୍ବିକା ପ୍ରସାଦ ପଣ୍ଡା, ସମ୍ମାନିତ ଅତିଥି ମାନବସମ୍ବଳ ମହାପ୍ରବନ୍ଧକ ଏସ୍.ଏନ୍. ସାହୁ, ଡିଜିଏମ୍ ରାଜାରାମ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପାଇଖାନା ବ୍ୟବହାର ସମ୍ପର୍କରେ ସଚେତନ କରିଥିଲେ। ନାଲକୋ ଫାଉଣ୍ଡେଶନ ବିଭାଗ କର୍ମଚାରୀ, ବଳରାମପୁର ସରପଞ୍ଚ, ନାଏବ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ନାଲ୍‌କୋ ଫାଉଣ୍ଡେଶନ ପକ୍ଷରୁ ୫୩୯ ଘରୋଇ ଶୌଚାଳୟ ନିର୍ମାଣ କରାଯାଇଛି।



ଅଧିକାରୀଙ୍କ ଉପସ୍ଥିତିରେ ଜଣେ ହିତାଧିକାରୀଙ୍କୁ ଶୌଚାଳୟ ପ୍ରାପ୍ତିପତ୍ର ପ୍ରଦାନ କରାଯାଉଛି।

## ବଇଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍



ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍‌ର ସଦସ୍ୟଙ୍କ ସମେତ ଅନ୍ୟମାନେ।

**ବଇଣ୍ଡା, ୨୭।୧୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶନିବାର କାୟାକଳ୍ପ ପ୍ରିୟର ଆସେସମେଣ୍ଟ ଟିମ୍ ପରିଦର୍ଶନରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସିଥିବା ଉକ୍ତ ଟିମରେ ବଳରାମପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ନିବେଦିତା ବନ୍ଦୋପାଧ୍ୟାୟ, ସଚ୍ଚିଦାନନ୍ଦ ମିଶ୍ର ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା, ପରିଷ୍କାର, ପରିଚ୍ଛନ୍ନତା, ବର୍ଜ୍ୟ ପରିଚାଳନା, ସଂକ୍ରମଣ ରୋକିବା ଲାଗି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। ରୋଗୀଙ୍କୁ ଠିକ୍ ଭାବେ ସେବା ଯୋଗାଇ ଦେବା ଲାଗି ଆବଶ୍ୟକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଜୟନ୍ତ କୁମାର ବେହେରା, ଡ. ସରୋଜ କୁମାର ନନ୍ଦ, ବାମଦେବ ପ୍ରଧାନ, ଦୁଷ୍ମନ୍ତ ଦେହୁରୀ, ମନୀଷା ତ୍ରିପାଠୀ, ଚନ୍ଦନା ସାହୁ, ଗୀତାଞ୍ଜଳି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ପରାମର୍ଶ

**ଅନୁଗୋଳ ଅଫିସ, ୨୭।୧୧**

ତାଳଚେରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ହାଇକୋର୍ଟ ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କୁ ଶନିବାର ଅନୁଗୋଳ ଜିଲା କୋର୍ଟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଜଷ୍ଟିସ୍ ମିଶ୍ର ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଓକିଲ ସଂଘ ସଭାପତି ଦିଲୀପ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲାଜଜ୍ ଭଗ୍ୟଲକ୍ଷ୍ମୀ ରଥ ତାଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରିଥିଲେ। ଓକିଲ ସଂଘ ଉପସଭାପତି ନୀରୋଦ ମିଶ୍ର, ବରିଷ୍ଠ ସଦସ୍ୟ ସୁବାସ ଚନ୍ଦ୍ର ମିଶ୍ର, ସୁରେଶ ଚନ୍ଦ୍ର ମିଶ୍ର, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ମହେନ୍ଦ୍ର ବସ୍ତିଆ, ପ୍ରଦୀପ ଦେବତା, ବସନ୍ତ ଦାସ, ଦିଲୀପ ଦାସଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ବାର୍ ଏବଂ ବେଞ୍ଚ୍ ମଧ୍ୟରେ ସମନ୍ୱୟ ରକ୍ଷା କରି ଲୋକଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବାକୁ ଜଷ୍ଟିସ୍ ମିଶ୍ର ଆଇନଜୀବୀଙ୍କୁ ପରାମର୍ଶ ଦେଇଛନ୍ତି।

## ୫୧ ୟୁନିଟ୍ ରକ୍ତ ସଂଗ୍ରହ

**ଛେଣ୍ଡିପଦା, ୨୭।୧୧, (ସ୍ୱ.ପ୍ର)**

ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ସମ୍ବିଧାନ ଦିବସ ଅବସରରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ମଣ୍ଡଳ ସଭାପତି ଗୋପବନ୍ଧୁ ଗଡନାୟକଙ୍କ ତତ୍ତ୍ୱାବଧାନରେ ନେତାଜୀ କ୍ଲବ ପରିସରରେ ଏହିଶିବିରରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଯଶୋବନ୍ତ ପ୍ରସାଦ ବେହେରା, ଛେଣ୍ଡିପଦା ଗ୍ରାମ୍ୟ କମିଟି ଉପସଭାପତି ସୁଦୀପ୍ତ ପ୍ରଧାନ, ଲିଙ୍ଗରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ଡ୍ୟୁଟି ସମୟରେ କର୍ମଚାରୀ ଅନୁପସ୍ଥିତ ରହୁଥିବା ଅଭିଯୋଗ

**ଅନୁଗୋଳ ଅଫିସ, ୨୭।୧୧**

ଅନୁଗୋଳ ଜିଲାର ବିଭିନ୍ନ ଡାକ୍ତରଖାନାରେ ଡ୍ୟୁଟି ସମୟରେ ଡାକ୍ତର, ଷ୍ଟାଫ୍‌ନର୍ସ ଏବଂ ଅନ୍ୟ କର୍ମଚାରୀମାନେ ଅନୁପସ୍ଥିତ ରହୁଥିବା ଅଭିଯୋଗ ହୋଇଆସୁଛି। ଏ ନେଇ ଜଣେ ବ୍ୟକ୍ତି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ, ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଦୁଇଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ବାସ୍ତବ ସ୍ଥିତି ଯାଞ୍ଚ କରିବାକୁ ହାଇକୋର୍ଟ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଶନିବାର ଅଭିଯୋଗର ବାସ୍ତବତା ପରଖିଛନ୍ତି ପ୍ରାଧିକରଣର ପ୍ୟାନେଲ ଲୟର ନିଶାନ୍ ପ୍ରତାପ ସିଂ, ସତ୍ୟବ୍ରତ ବିଶ୍ୱାଳ, ପାରାଲିଗାଲ ଭଲ୍ୟୁଣ୍ଟିୟର ଶାନ୍ତିଲତା ମାଝି, ପଙ୍କଜିନୀ ନାଏକଙ୍କୁ ନେଇ ଗଠିତ ୪ଜଣିଆ ଟିମ୍।

ଟିମ୍ ସଦସ୍ୟମାନେ ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି କର୍ମଚାରୀଙ୍କ ଉପସ୍ଥାନ ଯାଞ୍ଚ କରିଥିଲେ। ପୂର୍ବାହ୍ନ ୧୧ଟା ସୁଦ୍ଧା ଅଧିକାଂଶ କର୍ମଚାରୀ ରେଜିଷ୍ଟରରେ ଦସ୍ତଖତ କରି ନ ଥିବା ଦେଖିବାକୁ ମିଳିଥିଲା। କେବଳ ଶନିବାର ନୁହେଁ, ସପ୍ତାହରୁ ଅଧିକ ସମୟ ଧରି ଏଭଳି ତ୍ରୁଟି ହୋଇଥିବା ଜଣାପଡ଼ିଛି। ଏହାପରେ ସେମାନେ ପରିମଳ ବ୍ୟବସ୍ଥା ଯାଞ୍ଚ କରିଥିଲେ। ଟିମ୍ ସଦସ୍ୟଙ୍କ ପରିଦର୍ଶନ ସମୟରେ ଜଣେ ରୋଗୀଙ୍କଠାରୁ ଚିକିତ୍ସା ପାଇଁ ଲାଞ୍ଚ ଦାବି କରାଯାଇଥିବା ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ରୋଗୀଙ୍କ ଅଭିଯୋଗକୁ ରେକର୍ଡିଂ କରାଯାଇଛି। ସେହିପରି ଆବଶ୍ୟକ ସମୟରେ ଯୋଗାଯୋଗ କରିବାକୁ ଦିଆଯାଇଥିବା ଅଧିକାରୀଙ୍କ ମୋବାଇଲ ନମ୍ବର କାମ କରୁ ନ ଥିବା ଜଣାପଡ଼ିଛି। ଡାକ୍ତର ଏବଂ କର୍ମଚାରୀଙ୍କ ଉପସ୍ଥାନ ସମେତ ତଦନ୍ତ ରିପୋର୍ଟ ତଥ୍ୟପ୍ରମାଣ ସହ ନଭେମ୍ବର ୩୦ ସୁଦ୍ଧା ହାଇକୋର୍ଟରେ ଦାଖଲ କରାଯିବ ବୋଲି ଜଣେ ସଦସ୍ୟ କହିଛନ୍ତି।

### ଜିଲା ଚିକିତ୍ସାଳୟରେ ତଦନ୍ତ

## ବିସ୍ଥାପିତଙ୍କ ଥଇଥାନ ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ, ୨୭।୧୧**

ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂଙ୍କ ଅଧ୍ୟକ୍ଷତାରେ ୨ଜଣିଆ ବିଧାନସଭା ଗୃହ କମିଟି ଶନିବାର ଅନୁଗୋଳ ଗସ୍ତରେ ଆସି ବିଭିନ୍ନ ବିଷୟରେ ସମୀକ୍ଷା କରିଛନ୍ତି। ସ୍ଥାନୀୟ ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଖଣି, ଜଳସେଚନ ପ୍ରକଳ୍ପ, ଶିଳ୍ପଦ୍ୱାରା ବାସଚ୍ୟୁତ ହୋଇଥିବା କ୍ଷତିଗ୍ରସ୍ତଙ୍କ ସମସ୍ୟାର ସମାଧାନ ଏବଂ ଥଇଥାନ ସମ୍ପର୍କରେ ଆଲୋଚନା ହୋଇଥିଲା। କମିଟିରେ ବିଧାୟକ କିଶୋର କୁମାର ମହାନ୍ତି ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବିସ୍ଥାପିତ ପରିବାରର ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦେଇ ଦକ୍ଷତା ବୃଦ୍ଧି କରିବା, ପ୍ରଦୂଷଣ ନିୟନ୍ତ୍ରଣ, ବର୍ଜ୍ୟ ପାଉଁଶ ଓ ପାଣି ପରିଚାଳନା କରିବା ସହିତ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ କମିଟି ସଦସ୍ୟ ଗୁରୁତ୍ୱାରୋପ କରିଛନ୍ତି।

ଏନ୍‌ଟିପିସି ୫୭ ଏସ୍‌ଏପିଙ୍କ ମଧ୍ୟରୁ ୪୮ ଜଣଙ୍କୁ ଚାକିରି ଦେଇଛି। ଶତ ପ୍ରତିଶତ ପାଉଁଶ ପରିଚାଳନା ସହିତ ବିଭିନ୍ନ ଆଶ୍ରମ ସ୍କୁଲରେ ସୌର ଆଲୋକର ବ୍ୟବସ୍ଥା କରାଯାଇଛି। କୋଭିଡ୍ ସମୟରେ କମ୍ପାନୀ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ୬୫ ଲକ୍ଷ ଟଙ୍କାର ରିଲିଫ୍ ବଣ୍ଟନ କରାଯାଇଛି। ସେହିପରି ନାଲ୍‌କୋ ପକ୍ଷରୁ ୨୦ସ୍ମାର୍ଟ ସ୍କୁଲ ପ୍ରତିଷ୍ଠା କରାଯିବ। କୁଲାଡ ସ୍କୁଲର ଉନ୍ନତୀକରଣ କରିବାକୁ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି। ଅନୁରୂପ ଭାବେ ଜେଏସ୍‌ପିଏଲ ଦ୍ୱାରା ବାସଚ୍ୟୁତ ହୋଇଥିବା ପରିବାର ମଧ୍ୟରୁ ୩୪୦୦ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇଛି। ୬୦୯ ପ୍ରକଳ୍ପ କ୍ଷତିଗ୍ରସ୍ତ ପରିବାର ଏବଂ ୪୫୮୧ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଇଛି। କମ୍ପାନୀ ପକ୍ଷରୁ ୧୦୦ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଜାରି ରହିଛି। ମତ୍ସ୍ୟଚାଷ ଲାଗି ୮୦ ପୋଖରୀର ପୁନରୁଦ୍ଧାର କରାଯାଇଛି। କମ୍ପାନୀ ପାର୍ଶ୍ୱବର୍ତ୍ତୀ ୩୭ ଗ୍ରାମରେ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଜାରି ରହିଛି। ଅନୁଗୋଳ-ନିଶା ରାସ୍ତା ଏବଂ ବଡ଼କେରଜଙ୍ଗ ରାସ୍ତାର ଉନ୍ନତୀକରଣ ଲାଗି କମ୍ପାନୀଙ୍କୁ ପରାମର୍ଶ ଦିଆଯାଇଛି। ଟାଟାଷ୍ଟିଲ୍ ଦ୍ୱାରା ବାସଚ୍ୟୁତ ହୋଇଥିବା ୫୯ ପରିବାର ମଧ୍ୟରୁ ୪୦ ଜଣଙ୍କୁ ପେ-ରୋଲରେ ଥଇଥାନ କରାଯାଇଛି। ଅନ୍ୟ ୨୩୦୦ ପରିବାର ମଧ୍ୟରୁ ୪୫୦ ପରିବାରକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ଜେଆଇଟିପିଏଲ୍ ଦ୍ୱାରା ସମ୍ପୂର୍ଣ୍ଣ ଜମି ହରାଇଥିବା ୪୯ ପରିବାରର ୪୮୦ ଜଣଙ୍କୁ ନିଯୁକ୍ତି ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଅଦ୍ୟାବଧି ୪୫୮ ଜଣ ଚାକିରି ପାଇଛନ୍ତି। ଶିଳ୍ପସଂସ୍ଥାଗୁଡ଼ିକର ବିସ୍ତୃତ ତଥ୍ୟ ବିଧାନସଭାକୁ ପଠାଇବା ନିମନ୍ତେ କମିଟି ସଦସ୍ୟ ପରାମର୍ଶ ଦେଇଛନ୍ତି।

କମିଟିରେ ଶକ୍ତି ବିଭାଗର ଅତିରିକ୍ତ ସଚିବ ଧନଞ୍ଜୟ ସ୍ୱାଇଁ, ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ, ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ସନ୍ତୋଷ ପ୍ରଧାନ, ଉପଜିଲାପାଳ ବାସୁଦେବ ଶତପଥୀ, ନାଲକୋ ନିର୍ବାହୀ ନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ପଣ୍ଡା, ଜେଏସ୍‌ପିଏଲ୍ ଜେନେରାଲ ମ୍ୟାନେଜର ପୁଷ୍ପା ଶତପଥୀ, ଉପସଭାପତି ସୁରେଶ କୁମାର ଶର୍ମାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


ସମୀକ୍ଷା ବୈଠକରେ ବିଧାନସଭା ଗୃହ କମିଟିର ସଦସ୍ୟମାନେ।

### ସମୀକ୍ଷା କଲା ବିଧାନସଭା ଗୃହ କମିଟି

## ସଂକ୍ଷେପରେ

### ଭୋଟର ସଚେତନତା କାର୍ଯ୍ୟକ୍ରମ

**ଢେଙ୍କାନାଳ ଅଫିସ, ୨୭।୧୧:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଗୁରୁବାର ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ୧୮ବର୍ଷ ହୋଇଥିଲେ ନୂତନ ଭାବେ ଭୋଟର ତାଲିକାରେ ନାମ ପଞ୍ଜୀକରଣ, ସଂଶୋଧନ କରିବାକୁ ସଚେତନ କରାଯାଇଥିଲା। କଲେଜ ଅଧକ୍ଷ ପ୍ରଦୀପ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏନ୍‌ଏସ୍‌ଏସ୍ ଅଧିକାରୀ ଅଧାପକ ଦୁର୍ଗାମାଧବ ପାଣିଗ୍ରାହୀ ପରିଚାଳନା କରିଥିଲେ। ଅଧାପିକା ଦୀପ୍ତିବାଳା ମିଶ୍ର, ସସ୍ମିତା ମହାପାତ୍ର, ଅଧାପକ ସମରେନ୍ଦ୍ର ସିଂ, ଆଶିଷ କୁମାର ପଣ୍ଡା, ସୁଶୀଲ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଚନ୍ଦନ ବୋଡ଼ା ଉଦ୍ଧାର

**କାମାକ୍ଷାନଗର, ୨୭।୧୧(ଡି.ଏନ୍.ଏ.):** କାମାକ୍ଷାନଗର ଥାନା ମଠକରଗୋଳା ଗ୍ରାମର ନୃସିଂହ ବାରିକଙ୍କ ରୋଷେଇ ଘରୁ ଶନିବାର ଏକ ଚନ୍ଦନ ବୋଡ଼ା ଉଦ୍ଧାର କରାଯାଇଛି। ପ୍ରଶିକ୍ଷିତ ସାପଧରାଳି ଶିବଦତ୍ତ ମହାପାତ୍ର କୌଶଳକ୍ରମେ ସାପକୁ ଧରି ନିକଟ ଜଙ୍ଗଲରେ ଛାଡ଼ି ଦେଇଛନ୍ତି। ଏ ସଂକ୍ରାନ୍ତରେ ଶିବଦତ୍ତ କୁହନ୍ତି, ଚନ୍ଦନ ବୋଡ଼ାକୁ ଲୋକମାନେ ଅଜଗର ଛୁଆ ବୋଲି ଭାବିଥାଆନ୍ତି। ହେଲେ ଏହା ବିଷାକ୍ତ ପ୍ରଜାତିର। ସ୍ଥାନୀୟ ଅଞ୍ଚଳରେ ଏହି ସାପ କ୍ୱଚିତ୍ ଦେଖିବାକୁ ମିଳେ।

### ସମ୍ବିଧାନ ଦିବସ ପାଳିତ

**ଭୁବନ, ୨୭।୧୧(ଡି.ଏନ୍.ଏ.):** ଭୁବନ ମହିଳା କଲେଜ ଜାତୀୟ ସେବା ଯୋଜନା ପକ୍ଷରୁ ଶୁକ୍ରବାର ସମ୍ବିଧାନ ଦିବସ ଇଂଲିଶ ବିଭାଗ ଅଧାପିକା ପ୍ରମିଳା କୁମାରୀ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡ. ନମିତା ଦାସ ଯୋଗଦେଇ ସମ୍ବିଧାନ, ଏହାର ନିୟମ, ନାଗରିକର ମୌଳିକ ଅଧିକାରକୁ ସମ୍ମାନ ଦେବାକୁ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ ଅଫିସର ପ୍ରଶାନ୍ତ କୁମାର ରାଉତରାୟ, ନିରଞ୍ଜନ ନାୟକ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀମାନେ ଭାରତୀୟ ସମ୍ବିଧାନ ପ୍ରଣୟନ ଏବଂ ଏଥିରେ ଥିବା ନୀତିନିୟମ ଉପରେ ବକ୍ତୃତା ପ୍ରଦାନ କରିଥିଲେ।

### ଆଚାର୍ଯ୍ୟାଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର

**ସାତମାଇଲ, ୨୭।୧୧(ଡି.ଏନ୍.ଏ.):** ଓଡ଼ାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକଲ ଅଭିଯାନର ପକ୍ଷରୁ ଆଚାର୍ଯ୍ୟାଆଚାର୍ଯ୍ୟ ଚୟନ ବର୍ଗ ଅନୁଷ୍ଠିତ ହୋଇଯାଇଛି। ଜିଲାସ୍ତରରୁ ୪୦ରୁ ଉର୍ଦ୍ଧ୍ୱ ଆଚାର୍ଯ୍ୟାଆଚାର୍ଯ୍ୟ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ଶିକ୍ଷାନୁଷ୍ଠାନ ସମ୍ପାଦିକା ବନଲତା ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଞ୍ଚଳ ଅଭିଯାନ ପ୍ରମୁଖ ଟଙ୍କଧର ମହାନ୍ତ ପରିଚାଳନା କରିଥିବାବେଳେ ଢେଙ୍କାନାଳ ଅଞ୍ଚଳ ଗ୍ରାମବିକାଶ ପ୍ରଭାରୀ ସନ୍ତୋଷ ସାହୁ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସରେ ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏକଲ ଅଭିଯାନର ଲକ୍ଷ୍ୟ, ଭାରତୀୟ ସଂସ୍କୃତିର ମହନୀୟତା ସମ୍ପର୍କରେ ମତ ରଖିଥିଲେ। ପ୍ରାବନ୍ଧିକ ଦଣ୍ଡଧର ପତି, ବନୋଜ ରଥ, ସହଦେବ ପୃଷ୍ଟି, ରଣଜିତ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

### ଉପଯୁକ୍ତ ମାର୍ଗଦର୍ଶନ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ

**ସାତମାଇଲ, ୨୭।୧୧(ଡି.ଏନ୍.ଏ.):** ହିନ୍ଦୋଳ ରୋଡ୍‌ସ୍ଥିତ ଓପିଏସ୍ କଲେଜରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତର ମାର୍ଗ ନିର୍ଦ୍ଧାରଣ ଲାଗି 'କ୍ରାକିଂ କ୍ୟାରିୟର ଗୋଲ୍ସ' ଶୀର୍ଷକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଅଧାପିକା ଡ. ସୁଚେତା ମିଶ୍ର ଏଥିରେ ସଭାପତିତ୍ୱ କରି ଶିକ୍ଷା ଏବଂ ଉପଯୁକ୍ତ ମାର୍ଗଦର୍ଶନ ଛାତ୍ରୀଛାତ୍ରଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇପାରିବ ବୋଲି କହିଥିଲେ। ଭୁବନେଶ୍ୱରସ୍ଥିତ ଆରିଫିନ୍ ସଂସ୍ଥାର ନିର୍ଦ୍ଦେଶିକା ଶିଲ୍ପା ବରାଇ, କମଲେଶ କୁମାର ଚୌଡା, ଓଁକାରନାଥ ତ୍ରିପାଠୀ ପ୍ରମୁଖ ବ୍ୟାଙ୍କିଙ୍ଗ୍, ରେଳସେବା, ପ୍ରଶାସନିକ ସେବା ସମେତ ଅନ୍ୟ ବୃତ୍ତିଗତ କ୍ଷେତ୍ର ବିଷୟରେ ସୂଚନା ଦେଇଥିଲେ। ସାଧାରଣ ଜ୍ଞାନ, ଯୋଗାଯୋଗ କୌଶଳ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। କ୍ୟାରିୟର କାଉନସେଲିଂ ସେଲ୍ ସଂଯୋଜକ ଅଧାପକ ବିଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉପସଂଯୋଜିକା ଅଧାପିକା ନୟନା ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଞ୍ଜା ଲଢ଼େଇରେ ସର୍ବସ୍ୱାନ୍ତ

ସାପ୍ତାହିକ ହାଟ ମଝିରେ ଚାଲୁଛି ଗଞ୍ଜା ଲଢ଼େଇ। ଏଥିରେ ବାଜି ଲାଗୁଛି ଲକ୍ଷାଧିକ ଟଙ୍କା। ମାତ୍ର କେଇ ମିନିଟ୍ ମଧ୍ୟରେ ପରାଜିତ ପକ୍ଷ ସର୍ବସ୍ୱ ହରାଉଥିବାବେଳେ ମାଲାମାଲ ହେଉଛନ୍ତି ଅପର ଗୋଷ୍ଠୀ। ଢେଙ୍କାନାଳ ଜିଲାର ଆଦିବାସୀ ବହୁଳ ଅଞ୍ଚଳରେ କୁକୁଡ଼ାଙ୍କୁ ବ୍ୟବହାର କରି ସର୍ବସମ୍ମୁଖରେ ଏଭଳି ଅମାନୁଷିକ ଖେଳ ଚାଲୁଥିବା ବେଳେ ପୋଲିସ ପ୍ରଶାସନ ଆଖିବୁଜିଆ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି।

- ସାପ୍ତାହିକ ହାଟ ଜୁଆଡ଼ିଙ୍କ ଠିକଣା
- ପଦକ୍ଷେପ ନେଉନି ପୋଲିସ
- ଶିକାର ହେଉଛନ୍ତି ଗରିବ ଆଦିବାସୀ

**ଢେଙ୍କାନାଳ ଅଫିସ, ୨୭।୧୧**

ଢେଙ୍କାନାଳ ଜିଲାର ଆଦିବାସୀ ବହୁଳ କଙ୍କଡ଼ାହାଡ ଓ ପରଜଙ୍ଗ ଥାନା ଅଞ୍ଚଳରେ ଥିବା ସାପ୍ତାହିକ ହାଟରେ ଚାଲୁଛି ଜୁଆଖେଳ। ତାସ୍ ସାଙ୍ଗକୁ ଗଞ୍ଜା ଲଢ଼େଇ ଭଳି ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହିତ କରୁଛନ୍ତି ଅସାମାଜିକ। ସ୍ଥାନୀୟ ଥାନା, ଫାଣ୍ଡିର କେତେଜଣ ପୋଲିସ କର୍ମଚାରୀଙ୍କୁ ହାତ କରି ଏଭଳି କାର୍ଯ୍ୟ ଖୋଲାଖୋଲି କରାଯାଉଥିବାବେଳେ ଲକ୍ଷାଧିକ ଟଙ୍କାର ବାଜି ଲାଗୁଛି।

ଗଞ୍ଜା ଲଢ଼େଇକୁ ଦୀର୍ଘଦିନରୁ ବେଆଇନ ଘୋଷଣା କରାଯାଇଛି। ମନୋରଞ୍ଜନ ପାଇଁ ଏଭଳି ଅମାନୁଷିକ ଖେଳକୁ ଦମନ କରିବାକୁ ପୋଲିସକୁ ଦିଆଯାଇଛି କ୍ଷମତା। ହେଲେ ଢେଙ୍କାନାଳ ଜିଲାର ପରଜଙ୍ଗ, କଙ୍କଡ଼ାହାଡ଼ ଏବଂ କାମାକ୍ଷାନଗର ଅଞ୍ଚଳରେ ଥିବା ସାପ୍ତାହିକ ହାଟଗୁଡ଼ିକରେ ଏଭଳି କୁକୁଡ଼ା ଲଢ଼େଇ ଏବେ ଅନେକଙ୍କ ବ୍ୟବସାୟ ପାଲଟିଛି। ସ୍ଥାନୀୟ ଅଞ୍ଚଳର ଯୁବପିଢ଼ିଙ୍କୁ ଏଥିରେ ସାମିଲ କରି ଲକ୍ଷାଧିକ ଟଙ୍କାର ବାଜି ଲାଗୁଛି। ପରଜଙ୍ଗ ଥାନା ଅନ୍ତର୍ଗତ ସୋମବାର ଡୋଲିଆ ହାଟ, ରବିବାର ଦଣ୍ଡାଧର ହାଟ ଏବଂ ଶୁକ୍ରବାର ହେଉଥିବା ହାଟରେ ତାସ୍, ଗଞ୍ଜା ଲଢ଼େଇ ଖେଳ ହେଉଛି। ଏଥିରେ ଶତାଧିକ ଲୋକ ଭାଗ ନେଉଛନ୍ତି। ଏ ସଂକ୍ରାନ୍ତରେ ସ୍ଥାନୀୟ ପୋଲିସ ନିକଟରେ ସୂଚନା ଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। କଙ୍କଡ଼ାହାଡ଼ ଥାନାଠାରୁ ଦଣ୍ଡାଧର ହାଟର ଦୂରତ୍ୱ ମାତ୍ର ୧୦ କି.ମି.। ତେବେ ସ୍ପଷ୍ଟ ଦିବାଲୋକରେ ସର୍ବସାଧାରଣରେ ଜୁଆଖେଳ ସାଙ୍ଗକୁ ଗଞ୍ଜା ଲଢ଼େଇ ହେବା ଏବଂ ଏ ନେଇ ଥାନା ପାଖରେ ସୂଚନା ଥାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ଏଭଳି ଜୁଆଖେଳ ଯୋଗୁ ହାଟକୁ ଆସୁଥିବା ବ୍ୟବସାୟୀ ଏବଂ ଗ୍ରାହକଙ୍କ ମଧ୍ୟରୁ ଅନେକେ ସର୍ବସ୍ୱ ହରାଉଛନ୍ତି। ସେମାନଙ୍କ ପରିବାରରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି। ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବଢ଼ୁଛି। ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ଏ ନେଇ କଙ୍କଡ଼ାହାଡ ଥାନାଧିକାରୀ ନିର୍ମଳା ଗୋଛାୟତ କୁହନ୍ତି, ସୂଚନା ମିଳିବା ପରେ କେତେକ ସ୍ଥାନରେ ଚଢ଼ାଉ କରାଯାଇଥିଲା। କିନ୍ତୁ କାହାରିକୁ ଗିରଫ କରାଯାଇନାହିଁ। ପୋଲିସ ସବୁବେଳେ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଲର୍ଟ ରହିଛି। ପରଜଙ୍ଗ ଥାନାଧିକାରୀ ନମିତା ନାୟକ କୁହନ୍ତି, ମହାବିରୋଡ ଫାଣ୍ଡି ଅଞ୍ଚଳରେ ଜୁଆଖେଳ ଓ ଗଞ୍ଜା ଲଢ଼େଇ ଚାଲୁଥିବା ସୂଚନା ଅଛି। ଖୁବ୍‌ଶୀଘ୍ର ଜୁଆଖେଳ ଚାଲୁଥିବା ଜାଗାରେ ଚଢ଼ାଉ କରାଯିବ। କାମାକ୍ଷାନଗର ଏସ୍‌ଡିପିଓ ରଞ୍ଜନ କୁମାର ଦେ କୁହନ୍ତି, କିଛିଦିନ ତଳେ ଭୁବନ ଥାନା ଅଞ୍ଚଳ ଏବଂ ମହାବିରୋଡରେ ଚଢ଼ାଉ କରାଯାଇଥିଲା। ପୋଲିସ ପକ୍ଷରୁ ଜୁଆଖେଳକୁ ପ୍ରୋତ୍ସାହିତ କରୁଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



କଙ୍କଡ଼ାହାଡ଼ ବ୍ଲକର ଏକ ହାଟରେ ଚାଲିଥିବା ଗଞ୍ଜା ଲଢ଼େଇ।

### ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ

**ରାସୋଳ, ୨୭।୧୧(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକର ବିଭିନ୍ନ ପଞ୍ଚାୟତର ହିତାଧିକାରୀଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ପ୍ରଦାନ କରାଯାଇଛି। ରାସୋଳରେ ଆୟୋଜିତ ସଭାରେ ବିଧାୟିକା ସୀମାରାଣୀ ନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରାସୋଳ ପଞ୍ଚାୟତରେ ମୋଟ ୨୪୦୦ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବାକୁ ଥିବାବେଳେ ୬୩ଜଣଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ପ୍ରଦାନ କରାଯାଇଛି। ଜିଲା ପରିଷଦ ଅଧକ୍ଷା ମିନତି ସାହୁ, ବ୍ଲକ ଅଧକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ବିଡିଓ କ୍ଷୀରାବ୍ଧିତନୟା ସାହୁ, ରାସୋଳ ସରପଞ୍ଚ ସୁଷମାରାଣୀ ସାହୁ, ବ୍ଲକ ବିଜେଡି ସଭାପତି ବରୁଣ ସର, ପଞ୍ଚାୟତ ସେକ୍ରେଟାରୀ ଅକ୍ଷୟ ସାହୁ, ରମେଶ ଚନ୍ଦ୍ର ସାହୁଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଯୋଗଦେଇଥିଲେ। ଅନୁରୂପ ଭାବେ ମାଧପୁର, ନୂଆବଗ, ବାଉଁଶପୋଖରୀ, କଂସରା, କନ୍ତାମିଳା, ହାତୁରା ଆଦି ପଞ୍ଚାୟତରେ ମଧ୍ୟ ହେଲ୍‌ଥ କାର୍ଡ ବଣ୍ଟନ କରାଯାଇଛି।

### ମହିଳା ହିଂସା ବିରୋଧରେ ଏକାଠି ହେବାକୁ ଆହ୍ୱାନ




**ଢେଙ୍କାନାଳ ଅଫିସ, ୨୭।୧୧**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପିଙ୍ଗୁଆ ଡିଗ୍ରୀ କଲେଜ ପକ୍ଷରୁ ମହିଳା ହିଂସା ବିରୋଧରେ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗ ଅଧାପକ ତଥା ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଦୀପ୍ତିରଞ୍ଜନ ମହାଲିକଙ୍କ ଅଧକ୍ଷତାରେ ବ୍ଲକ ସଂଯୋଜିକା ଶୁଭଶ୍ରୀ ପାଇଟଲ ମୁଖ୍ୟବକ୍ତା ଭାବେ ଯୋଗଦେଇ କନ୍ୟାଭ୍ରୂଣ ହତ୍ୟା, ବାଲ୍ୟବିବାହ, ଯୌନ ନିର୍ଯ୍ୟାତନା, ପାରିବାରିକ ହିଂସା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ। ଅତିଥି ଭାବେ ପ୍ରଦୀପ ଦାସ, ଅକ୍ଷୟ ପାତ୍ର, ଧ୍ରୁବାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ହାତରେ କମଳା ରଙ୍ଗର ଫିତା ବାନ୍ଧି ମହିଳା ହିଂସା ରୋକିବା ଲାଗି ଶପଥ ନେଇଥିଲେ।

# ସ୍ୱାସ୍ଥ୍ୟ ବୋଝ ଦୂର କରିବ ସ୍ମାର୍ଟକାର୍ଡ



ଜଣେ ହିତାଧିକାରୀଙ୍କୁ ବିଧାୟକ ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୭।୧୧**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ଶନିବାର ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି। ନେଉଳପୋଇ, ଯୋରନ୍ଦା, କାଲୁରିଆ, ବାଇସିଙ୍ଗା, ରାଇତଳା, କରମୂଳ, କାବେରା ପଞ୍ଚାୟତରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ସୁଧୀର ସାମଲ ସ୍ମାର୍ଟ କାର୍ଡ ବଣ୍ଟନ କରିଥିଲେ। ଏହି ଅବସରରେ ବିଧାୟକ କହିଲେ, ଏହି ସ୍ମାର୍ଟ କାର୍ଡ ସ୍ୱାସ୍ଥ୍ୟ ବୋଝ ଦୂର କରିବ। କାର୍ଡ ନ ଥିବା ହିତାଧିକାରୀ ୧୦୪କୁ ଯୋଗାଯୋଗ କରିପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଯୋଗୁ ଓଡ଼ିଶାର ସାଢ଼େ ୩ କୋଟି ଜନସାଧାରଣ ଉପକୃତ ହେବେ। କାର୍ଯ୍ୟକ୍ରମରେ ବିଡ଼ିଓ ଆଶିଷ ରଞ୍ଜନ ସାହୁ, ବ୍ଲକ ଅଧକ୍ଷା ଗୀତାଞ୍ଜଳି ଭୂୟାଁ, ବିଜେଡି ନେତା ନରୋତ୍ତମ ସାହୁ, ରୁବି ବିଶ୍ୱାଳ, ବିଶ୍ୱନାଥ ଜେନା, ପ୍ରଦୀପ ରାଉତ, ନିରାକାର ରାଉତ, ନବକିଶୋର ସାମଲ, ସନ୍ତୋଷ ବିଶ୍ୱାଳ, ରଞ୍ଜନ ନନ୍ଦ ପ୍ରମୁଖ ଯୋଗଦେଇଥିଲେ।

# ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଅ

**ସାତମାଇଲ, ୨୭।୧୧(ଡି.ଏନ୍.ଏ.)**

ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ପରିସରରେ ଯୁକ୍ତ୩ ପଦାର୍ଥ ବିଜ୍ଞାନ (ସମ୍ମାନ) ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବିଭାଗୀୟ ମୁଖ୍ୟ ଅଧାପକ ଜୟନ୍ତ ନାରାୟଣ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ଅଶୋକ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇବା ସହିତ ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇବାକୁ ଆହ୍ୱାନ ଦେଇଥିଲେ। ଅଧାପକ ଡ. ଯଶୋବନ୍ତ ସାହୁ, ବିନୟ ନାରାୟଣ ସାହୁ, ଦୀପକ ରଞ୍ଜନ ବିଶ୍ୱାଳ, ସୁବ୍ରତ ସ୍ମୃତିରଞ୍ଜନ ମିଶ୍ର, ଶିବଶଙ୍କର ଦାସ, ଅଧାପିକା ଶୁଭଲକ୍ଷ୍ମୀ ଦାଶ, ସ୍ୱାଗତିକା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ଅଧାପକ ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ବିଭାଗୀୟ ମୁଖ୍ୟ ଶିବଶଙ୍କର ଦାସଙ୍କ ପୌରୋହିତ୍ୟରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ମୁଖ୍ୟଅତିଥି ଭାବେ ଯୋଗଦେଇ କଲେଜର ନୀତିନିୟମ ମାନି ଚଳିବାକୁ ପରାମର୍ଶ ଦେଇଥିଲେ।




ପଦାର୍ଥ ବିଜ୍ଞାନ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥିମାନେ।

# ୧୨ରୁ ସର୍ବଭାରତୀୟ ଫୁଟ୍‌ବଲ

## ଭାଗନେବେ ୧୬ ଦଳ

**ଢେଙ୍କାନାଳ ଅଫିସ, ୨୭।୧୧**

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମରେ ଡିସେମ୍ବର ୧୨ରୁ ୨୬ ତାରିଖ ଯାଏ ଦ୍ୱିତୀୟ ସର୍ବଭାରତୀୟ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ଆରମ୍ଭ ହୋଇଛି ପ୍ରସ୍ତୁତି। ଚଳିତବର୍ଷ ଟୁର୍ଣ୍ଣାମେଣ୍ଟରେ କୋଲକାତା, ହାଇଦ୍ରାବାଦ, ଖଡଗ୍‌ପୁର ସମେତ ୧୬ ଦଳ ଭାଗନେବେ। ଗ୍ରୁପ-ଏରେ ଇଣ୍ଡିପେଣ୍ଡେଣ୍ଟ କ୍ଲବ କଟକ, ୟୁନାଇଟେଡ୍ କ୍ଲବ ବରଗଡ଼, ମଙ୍ଗଳା କ୍ଲବ କଟକ, ଝାଡ଼େଶ୍ୱର କ୍ଲବ ଝାରସୁଗୁଡ଼ା, ରାଇଜିଂ କ୍ଲବ ରାଉରକେଲା, ୟୁନିଟ୍-୬ କ୍ଲବ ଭୁବନେଶ୍ୱର, ସେରଶାହ ରେଲୱେ ଖଡଗ୍‌ପୁର, ରାଇଜିଂ ଷ୍ଟୁଡେଣ୍ଟ କଟକ ଦଳ ରହିଛନ୍ତି। ସେହିପରି ଗ୍ରୁପ୍-ବିରେ ଓଡ଼ିଶା ପୋଲିସ କଟକ, ପତାକା କ୍ଲବ ଅନୁଗୋଳ, ବିଏସ୍‌ଏଫ୍ ସୋନପୁର, କିଶୋର କ୍ଲବ ଭୁବନେଶ୍ୱର, ସ୍ପୋର୍ଟସ୍ ହଷ୍ଟେଲ କଟକ, ସୋଡେପୁର ଏକାଡେମୀ କୋଲକାତା, ତେଲେଙ୍ଗାନା ଏଜି ହାଇଦ୍ରାବାଦ ଦଳ ଅଛନ୍ତି। ସମସ୍ତ ମ୍ୟାଚ୍ ଅପରାହ୍ନ ସାଢ଼େ ୨ଟାରୁ ଆରମ୍ଭ ହେବ। ୧୨ ତାରିଖରେ ଉଦ୍‌ଘାଟନୀ ମ୍ୟାଚ ଇଣ୍ଡିପେଣ୍ଡେଣ୍ଟ କ୍ଲବ କଟକ ଏବଂ ୟୁନାଇଟେଡ କ୍ଲବ ବରଗଡ ମଧ୍ୟରେ ଖେଳାଯିବ। ୨୪, ୨୫ରେ ସେମିଫାଇନାଲ ଏବଂ ୨୬ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ୨ ମୃତ

**ଅନୁଗୋଳ ଅଫିସ,୨୭।୧୧**

ଅନୁଗୋଳ କାଲଟାକ୍ସ ଛକଠାରେ ଏକ ଟ୍ରକ ଧକ୍କାରେ ଶନିବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କ ସ୍ୱାମୀ ଓ ୪ ବର୍ଷର ଶିଶୁପୁତ୍ର ବର୍ତ୍ତିଯାଇଛନ୍ତି। ଅନୁଗୋଳ କଲେଜ ଛକ ଅଞ୍ଚଳର ଲିଲି ଦାସ(୩୦) ନାମକ ମହିଳା ତାଙ୍କ ସ୍ୱାମୀ ଓ ଛୋଟ ଛୁଆଙ୍କୁ ଧରି ନିଜ ଭଉଣୀ ଘର ନାଲକୋ କାଣ୍ଡସରକୁ ସ୍କୁଟିରେ ଯାଉଥିବାବେଳେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଅନୁଗୋଳ ପୋଲିସ ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରୁଛି। ସେହିପରି ସନ୍ଧ୍ୟାରେ ୫୫ ନଂ. ଜାତୀୟ ରାଜପଥର ବଡ଼କେରା ଛକଠାରେ ଏକ କଦଳୀ ବୋଝେଇ ପିକଅପ ଭ୍ୟାନକୁ ଏକ ଦ୍ରୁତଗାମୀ ଟ୍ରକ ଧକ୍କା ଦେବା ଫଳରେ ଭ୍ୟାନର ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତ ଡ୍ରାଇଭର ଜଣଙ୍କ ଜରପଡା ଥାନା ବାଲିପଟା ଗ୍ରାମର ସୁଶାନ୍ତ ସାହୁ। ପୋଲିସ ତଦନ୍ତ ଚଳାଇଛି।

# ଆଜାଦୀ କା ଅମୃତ ମହୋତ୍ସବ

**ଢେଙ୍କାନାଳ ଅଫିସ, ୨୭।୧୧**

ଢେଙ୍କାନାଳ କୋରିଆଁସ୍ଥିତ ଭାରତୀୟ ଖାଦ୍ୟ ନିଗମ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର 'ଆଜାଦୀ କା ଅମୃତ ମହୋତ୍ସବ' ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଯୋଗାଣ ଅଧିକାରୀ ନୀଳିମା ନାୟକ, ବିଶ୍ୱଭୂଷଣ କର, ଏଫ୍‌ସିଆଇ ମ୍ୟାନେଜର ପ୍ରଣତୀ ମିଶ୍ର, ପରିଚାଳନା ମ୍ୟାନେଜର ଚିତ୍ତରଞ୍ଜନ ହେମ୍ବ୍ରମ, ପୃଥ୍ୱୀରାଜ ଦାସ ଉପସ୍ଥିତ ଥିଲେ। ପ୍ରିୟଦର୍ଶନ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁଧୀର କୁମାର ଭୋଇ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

### ବିବେକାନନ୍ଦ ଲୋକ ସଂସଦର ଆଲୋଚନାଚକ୍ର

**ଢେଙ୍କାନାଳ ଅଫିସ, ୨୭।୧୧**

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଢେଙ୍କାନାଳ ଶାଖା ପକ୍ଷରୁ ତ୍ରୟୋଦଶ ଇ-ପାଠଚକ୍ର ଗୁରୁବାର ଜିଲା ସମ୍ପାଦକ ପଣ୍ଡିତ ବିପିନ ବିହାରୀ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। 'ଆମ ଐତିହ୍ୟ, ଆମ ସଂସ୍କୃତି' ସମ୍ପର୍କିତ ଆଲୋଚନାଚକ୍ରରେ ଜିଲା ଉପସଭାପତି ଦେବରାଜ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଶୈବ ପରମ୍ପରା, ଢେଙ୍କାନାଳରେ ଶୈବପୀଠ ଉତ୍ପତ୍ତି, ଅବସ୍ଥିତି ଏବଂ ମହିମା ଉପରେ ଆଲୋକପାତ କରିଥିଲେ। ସହ ସମ୍ପାଦକ ସଦାନନ୍ଦ ରାଉତଙ୍କ ସଂଯୋଜନାରେ ଶୁଭଶ୍ରୀ ମହାରଣା ଶାନ୍ତି ଏବଂ ଜିତେନ୍ଦ୍ର ପରିଡ଼ା ବିବେକବାଣୀ ପାଠ କରିଥିଲେ। ପଙ୍କଜ ବାରିକ ଧନ୍ୟବାଦ ଦେଇଥିଲେ। ଡ. ପ୍ରଫୁଲ୍ଲ ପାଣି, ଝୁନୁବାଳା ମିଶ୍ର, କୃପାସିନ୍ଧୁମିଶ୍ର ପରିଚାଳନାରେ ସହଯୋଗ କରିଥିଲେ।

# ରେଣୁବାଳା ଥିଲେ ସାଲିସବିହୀନ ଲେଖିକା




ଅତିଥିମାନେ 'ପ୍ରବନ୍ଧମାଳା' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୭।୧୧**

ଢେଙ୍କାନାଳ ଅଭିନନ୍ଦନ ଗାର୍ଡେନଠାରେ ଗୁରୁବାର ସନ୍ଧ୍ୟାରେ ସାହିତ୍ୟିକା ରେଣୁବାଳା ନନ୍ଦଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ସାହିତ୍ୟିକା ନିରୁପମା ଦାସ, ପ୍ରଫେସର ଦିଲୀପ ନନ୍ଦ, ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ଜିଲା ଲେଖକ ସଂସଦ ସମ୍ପାଦକ ବସନ୍ତ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରେଣୁବାଳା ଜଣେ ସାଲିସ୍‌ବିହୀନ ଲେଖିକା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କବି ମନୋରଞ୍ଜନ ନନ୍ଦଙ୍କ ଲିଖିତ ପୁସ୍ତକ 'ପ୍ରବନ୍ଧମାଳା' ଲୋକାର୍ପିତ ହୋଇଥିଲା। ଚଳିତବର୍ଷ ଡ. ମାନସୀ କର, ଲତିକା ମହାପାତ୍ର, ନିକୁଞ୍ଜ ପଟ୍ଟନାୟକ, ଶୁଭଶ୍ରୀ ରାଉତ, ଦୁର୍ଗାଚରଣ ରାଉତଙ୍କୁ 'ରେଣୁବାଳା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ରେଣୁବାଳା ସ୍ମୃତି ସଂସଦ ସଭାପତି ସଂଯୁକ୍ତା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ କବି ଅଥୟ ସାହୁ ପରିଚାଳିତ କରିଥିଲେ। ଶିଳ୍ପୀ ମନ୍‌ଜିତ ନନ୍ଦ ସଙ୍ଗୀତ ଗାନ, ସମ୍ପାଦକ ମାନସ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନନ୍ଦିକେଶ୍ୱରୀ ନାଥଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

# ଆରମ୍ଭ ହେଲା ଓପନ ଚେସ୍

## ଭାଗନେଲେ ୫୦ ପ୍ରତିଯୋଗୀ

**ଢେଙ୍କାନାଳ ଅଫିସ, ୨୭।୧୧**

ଢେଙ୍କାନାଳ ଇନ୍‌ଡୋର ଜିମ୍ନାସିୟମ ହଲ୍‌ରେ ଶନିବାରଠାରୁ ଆରମ୍ଭ ହୋଇଛି ଜିଲା ଓପନ୍ ଚେସ୍ ପ୍ରତିଯୋଗିତା। ଏଥିରେ ୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସୁଇସ୍ ପଦ୍ଧତିରେ ଏହି ପ୍ରତିଯୋଗିତା ୬ ରାଉଣ୍ଡ ବିଶିଷ୍ଟ ହେବ। ରବିବାର ଉଦ୍‌ଯାପନୀ ଉତ୍ସବରେ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବ।

ଜିଲା ଚେସ୍ ଆସୋସିଏଶନ ସଭାପତି ନବୀନ ଚନ୍ଦ୍ର ନାରାୟଣଦାସ, କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ଅଧକ୍ଷତାରେ ନିଖିଳ ଓଡ଼ିଶା ଚେସ୍ ସଂଘର ବରିଷ୍ଠ କର୍ମକର୍ତ୍ତା ପ୍ରଦ୍ୟୁମ୍ନ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଶ୍ରୀୟା ଚେସ୍ ଏକାଡେମୀ ମୁଖ୍ୟ ସାଗରିକା ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଶନିବାର ୩ ରାଉଣ୍ଡ ଖେଳ ଶେଷ ସୁଦ୍ଧା ସୂର୍ଯ୍ୟ ପାଞ୍ଚାଲ ଇନ୍ଦ୍ରଜିତ, ଅଲମସ୍ ଖାଁ, ପ୍ରଭାତ କୁମାର ସ୍ୱାଇଁ, ପଦିଲମ ଯଶବନ୍ତଙ୍କ ସମେତ ଅନ୍ୟ ୮ ପ୍ରତିଯୋଗୀ ୨ ପଏଣ୍ଟ ହାତେଇ ଅଗ୍ରଣୀ ଅଛନ୍ତି। ରାଜ୍ୟ ଚେସ୍ ସଂଘ ଆର୍ବିଟର ତାପସ କୁମାର ମହାନ୍ତି, ସନ୍ତୋଷ ମହାପାତ୍ର ଖେଳ ପରିଚାଳନା କରୁଛନ୍ତି।

ସମ୍ପାଦକ ଦେବବ୍ରତ ଭଞ୍ଜ, ସହସମ୍ପାଦକ ଅଶୋକ ମିଶ୍ର, ଉପସଭାପତି ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ହେମନ୍ତ ଖଟୁଆ, ହୃଦୟାନନ୍ଦ ମହାନ୍ତି, ସୁଶାନ୍ତ କୁମାର ଦାସ ଏଥିରେ ସହଯୋଗ କରୁଛନ୍ତି।



ଚେସ୍ ପ୍ରତିଯୋଗିତା ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ।

### ଆର୍ଟ ଅଫ୍ ଲିଭିଂ ଟିଚର ହେଲେ ରଶ୍ମି



**ଢେଙ୍କାନାଳ ଅଫିସ, ୨୭।୧୧**

ବ୍ୟକ୍ତି ବିକାଶ କେନ୍ଦ୍ର ଢେଙ୍କାନାଳ ଚାପ୍ଟର ପକ୍ଷରୁ କଣ୍ଠଶିଳ୍ପୀ ରଶ୍ମି ମହାରଣା ଆର୍ଟ ଅଫ୍ ଲିଭିଂର ଟିଚର ଭାବେ ମନୋନୀତ ହୋଇଛନ୍ତି। ବାଙ୍ଗାଲୋରସ୍ଥିତ ଆଶ୍ରମ ପକ୍ଷରୁ ରବିଶଙ୍କରଙ୍କ ଉପସ୍ଥିତିରେ ତାଙ୍କୁ ଏଥିଲାଗି ଚୟନ କରାଯାଇଛି। ଏହାପରେ ସେ ଓଡ଼ିଶା ସମେତ ଓଡ଼ିଶା ବାହାରେ ପ୍ରଶିକ୍ଷଣ ପ୍ରଦାନ କରିପାରିବେ। ରଶ୍ମିଙ୍କ ଏହି ସଫଳତା ପାଇଁ ବରିଷ୍ଠ ଯୋଗ ପ୍ରଶିକ୍ଷକ କାମାକ୍ଷା ପ୍ରସାଦ ଲେଙ୍କା, ସୁଜାତା ମହାନ୍ତି, ସଂଯୁକ୍ତା ଶତପଥୀ, ପ୍ରଳୟ ଦାସ, ମନୋରଞ୍ଜନ ଦାସ, ମନୋରଞ୍ଜନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରଶ୍ମି ଦାସ, ବାବୁଲା ସାହୁ, ପ୍ରଦୀପ୍ତ ମିଶ୍ର, ଭାସ୍କର ରାଓ, ଦୁର୍ଗା ବିଶ୍ୱାଳ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

